ସମାଜ
The Samaja
୩୦ ଅଗଷ୍ଟ ୨୦୧୬ ମଙ୍ଗଳବାର

ଆଇଆଇଟି ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବ ଆଜି

ଗବେଷଣା ଓ ଷ୍ଟାର୍ଟଅପ୍ ଇଣ୍ଡିଆ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର, ୨୯।୮ (ଭୁ.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଯୋଜନା ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ବେଶ୍ ଉପଯୋଗୀ। ଏହି ଯୋଜନାରେ ଅନେକ ପ୍ରକାରର ସୁବିଧା ସୁଯୋଗ ଉପଲବ୍ଧ ହେଉଛି।

୭ଜଣଙ୍କୁ ଡକ୍ଟରେଟ୍, ୫୫ଜଣଙ୍କୁ ଏମ୍‌ଟେକ୍ ଡିଗ୍ରୀ

ଆସନ୍ତାକାଲି ଆଇଆଇଟି ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବ ଅରୁଗୁଳ ସ୍ଥିତ ନିଜସ୍ୱ କ୍ୟାମ୍ପସରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ ବୋର୍ଡ ଅଫ୍ ଆକ୍ରିଡିଏସନ୍‌ର ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବାବେଳେ ଆଇଆଇଟି, ଭୁବନେଶ୍ୱର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଅଧ୍ୟକ୍ଷ ପଙ୍କଜ ରାମନଭାଇ ପଟେଲ୍ ଏଥିରେ ଅଧ୍ୟକ୍ଷତା କରିବେ। ଏହି ଅବସରରେ ୭ଜଣଙ୍କୁ ଡକ୍ଟରେଟ୍, ୫୫ଜଣଙ୍କୁ ଏମ୍‌ଟେକ୍, ୬୯ ଜଣଙ୍କୁ ଏମ୍‌ଏସ୍‌ସି ଏବଂ ୧୧୦ ଜଣଙ୍କୁ ବିଟେକ୍ ଡିଗ୍ରୀ ପ୍ରଦାନ କରାଯିବ। ସେହିପରି ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରିୟମ୍ ଦେ'ଙ୍କୁ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ।

ତେବେ ଷ୍ଟାର୍ଟଅପ୍ ଇଣ୍ଡିଆ ପ୍ରତି ଶିକ୍ଷିତ ଯୁବକ ଯୁବତୀଙ୍କୁ ଆକୃଷ୍ଟ କରାଇ ସେମାନଙ୍କୁ ଜଣେ ଜଣେ ସଫଳ ଉଦ୍ୟୋଗୀ କରିବା ଲାଗି ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର ଉଦ୍ୟମ ଆରମ୍ଭ ହୋଇଛି। ଷ୍ଟାର୍ଟଅପ୍ ପାଇଁ ଏହି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିଲାଗି ବିଶ୍ୱର ବିଭିନ୍ନ ଦେଶରୁ ଦରଖାସ୍ତ ଆହ୍ୱାନ କରାଯାଇଛି।

ଆଇଆଇଟି, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର କହିଛନ୍ତି, ଆମ ଶିକ୍ଷାନୁଷ୍ଠାନରେ ନୂତନ ପଦ୍ଧତିରେ ଶିକ୍ଷାଦାନ ବ୍ୟତୀତ ଏବେ ଆମେ ଗବେଷଣାକୁ ଅଧିକ ପ୍ରାଧାନ୍ୟ ଦେଉଛୁ। ଏଥିସହ ଷ୍ଟାର୍ଟଅପ୍ ପାଇଁ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଷ୍ଟାର୍ଟଅପ୍ ଯୋଜନାରେ ଅଂଶଗ୍ରହଣ ଲାଗି ଆମେ ଭାରତ ସମେତ ସମଗ୍ର ବିଶ୍ୱରୁ ଦରଖାସ୍ତ ଆହ୍ୱାନ କରିଛୁ ଏବଂ ଅଳ୍ପ ଦିନ ମଧ୍ୟରେ ବିଭିନ୍ନ ଦେଶରୁ ୩୦ଟି ଦରଖାସ୍ତ ଆମର ହସ୍ତଗତ ହୋଇଛି। ଏଥିସହ ଅରୁଗୁଳ କ୍ୟାମ୍ପସ୍ ଓ ଭୁବନେଶ୍ୱର କେନ୍ଦ୍ରରେ ଦୁଇଟି ଷ୍ଟାର୍ଟଅପ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଏହି ଉଦ୍ୟମକ୍ରମେ ଆମେ ଏପରି ଜ୍ଞାନକୌଶଳ ଉଦ୍ଭାବନ କରିବାକୁ ଚାହୁଁଛୁ ଯାହା ସମସ୍ତଙ୍କ ପାଇଁ ଉପାଦେୟ ହୋଇପାରିବ। ଷ୍ଟାର୍ଟଅପ୍ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟର ଶିକ୍ଷିତ ଯୁବକ ଯୁବତୀଙ୍କୁ ଜଣେ ଜଣେ ଉଦ୍ୟୋଗୀ ହେବା ଲାଗି ପ୍ରସ୍ତୁତ କରିବା। ଏଥିଲାଗି ଦେଶ ତଥା ବିଦେଶରୁ ପ୍ରଶିକ୍ଷକ, ଗବେଷକଙ୍କୁ ଅଣାଯିବ ଏବଂ ସ୍ଥାନୀୟ ଶିଳ୍ପାନୁଷ୍ଠାନଙ୍କର ମଧ୍ୟ ସହଯୋଗ ନିଆଯିବ। ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାରେ କେଉଁପ୍ରକାର ଆର୍ଥିକ ସହାୟତା ଓ ଅନ୍ୟ ସୁବିଧା ରହିଛି ତାହା ଯୁବକ ଯୁବତୀଙ୍କୁ ଅବଗତ କରାଯିବ। ଅପରପକ୍ଷରେ ଏଥିରେ ସହାୟତା ଯୋଗାଇ ଦେବା ଲାଗି ଆମେ ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗ ସହ ଆଲୋଚନା କରୁଛୁ। ଶିକ୍ଷା ଗ୍ରହଣ ପରେ ଯୁବ ଇଞ୍ଜିନିୟରମାନେ ଚାକିରି ଖୋଜିବା ବ୍ୟତୀରେକ ନିଜେ କିପରି ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରିବେ ସେନେଇ ସେମାନଙ୍କୁ ବିଭିନ୍ନ ଶିଳ୍ପ ସମ୍ପର୍କରେ ତାଲିମ୍ ଦିଆଯିବ ବୋଲି ପ୍ରଫେସର ରାଜାକୁମାର କହିଥିଲେ।

ସେ କହିଥିଲେ ଯେ ଆଇଆଇଟି, ଭୁବନେଶ୍ୱର ସାମାଜିକ ସମସ୍ୟାକୁ ନେଇ ଗବେଷଣାକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି। ବିଶେଷକରି ଏବେ ପୁରୀ ସମୁଦ୍ର କୂଳରେ ତଟ କ୍ଷୟ ହେବା ସମସ୍ୟାକୁ ନେଇ ଗବେଷଣା କରାଯାଉଛି। ସେହିପରି ଉପକୂଳ ଓଡ଼ିଶାରେ ମିଳୁଥିବା ବିରଳ ମୃତ୍ତିକାର ବିଭିନ୍ନ ଉପାଦେୟତାର ସଦୁପଯୋଗ ଲାଗି ଗବେଷଣା କରାଯାଉଛି। ଗଞ୍ଜାମ ଉପକୂଳରେ ବହୁ ପରିମାଣରେ ଏବଂ ବିଭିନ୍ନ କିସମର ବିରଳ ମୃତ୍ତିକା ମିଳୁଥିବାରୁ ଆମେ ସେଠାରେ ଆସନ୍ତା ଜାନୁଆରୀ ମାସରେ ଏକ କର୍ମଶାଳାର ଆୟୋଜନ କରିବାକୁ ଯାଉଛୁ, ଯେଉଁଥିରେ ଦେଶ ବିଦେଶରୁ ବହୁ ଗବେଷକ ଯୋଗ ଦେବେ। ଗବେଷଣା ସମୟରେ ଯଦି ସେହି ବିରଳ ମୃତ୍ତିକା ଆମ ପାଇଁ ଉପାଦେୟ ହେବ ତେବେ ତାହାକୁ ସଂଗ୍ରହ କରିବାର ବ୍ୟବସ୍ଥା କରାଯିବ। ଅପରପକ୍ଷରେ ଉପକୂଳ ଅବଲୋକନ କେନ୍ଦ୍ର ଅବା କୋଷ୍ଟାଲ ଅବଜରଭେଟୋରି ସ୍ଥାପନ କରାଯିବ। ଏଥିଲାଗି ରାଜ୍ୟ ସରକାର ଆମକୁ ଗଞ୍ଜାମ ଜିଲା ଲାଉଡ଼ି ଗ୍ରାମରେ ୪୦ ଏକର ଜମି ଯୋଗାଇ ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଆର୍ଥ ସାଇନ୍ସ ବିଭାଗ ପକ୍ଷରୁ ପ୍ରକଳ୍ପ ପାଇଁ ୯.୨୨ କୋଟି ଟଙ୍କାର ଅନୁଦାନ ମଧ୍ୟ ମିଳି ସାରିଛି। ପ୍ରକଳ୍ପ ପାଇଁ ଆବଶ୍ୟକ କିଛି ସରଞ୍ଜାମ ମଧ୍ୟ ଅଣାଯାଇ ସାରିଛି।

ଏହି ସ୍ଥାନକୁ ଏକ ଅନ୍ତର୍ଜାତୀୟ ଗବେଷଣା କେନ୍ଦ୍ରରେ ପରିଣତ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରାଯାଉଛି ବୋଲି ଡ. କୁମାର ସୂଚନା ଦେଇଥିଲେ।